# ସାମାଜିକ ଷ୍ଟକ ଏକ୍ସଚେଞ୍ଜ
## ବାରମ୍ବାର ପଚରାଯାଉଥିବା ପ୍ରଶ୍ନ (FAQ)

### ସାମାଜିକ ଉଦ୍ଦେଶ୍ୟର ପ୍ରାଧାନ୍ୟତା

**1. ସୋସିଅଲ ଷ୍ଟକ ଏକ୍ସଚେଞ୍ଜ (SSE) କ'ଣ?**

ଉତ୍ତର: ଷ୍ଟକ ଏକ୍ସଚେଞ୍ଜ ଯାନ୍ତ୍ରିକତା ମାଧ୍ୟମରେ ଜନସାଧାରଣଙ୍କଠାରୁ ପାଣ୍ଠି ଏକାଠି କରିବାରେ ସୋସିଅଲ ଷ୍ଟକ ଏକ୍ସଚେଞ୍ଜ (SSE) ସାମାଜିକ ଉଦ୍ୟମ (ଗୁଡ଼ିକୁ) (ସାମାଜିକ ଉଦ୍ୟମ ବିଷୟରେ ଅଧିକ ସବିଶେଷ ପାଇଁ ଦୟାକରି ପ୍ରଶ୍ନ 2 ଦେଖନ୍ତୁ) ସାହାଯ୍ୟ କରିପାରିବା ପ୍ରଚଳିତ ଷ୍ଟକ ଏକ୍ସଚେଞ୍ଜର ଏକ ପୃଥକ ଖଣ୍ଡ ଅଟେ । ସାମାଜିକ ଉଦ୍ୟମ ଏବଂ ପାଣ୍ଠି ପ୍ରଦାନକାରୀଙ୍କ ମଧ୍ୟରେ SSE ଏକ ମାଧ୍ୟମ ଭାବରେ କାର୍ଯ୍ୟ କରିବ ଏବଂ ମାପଯୋଗ୍ୟ ସାମାଜିକ ପ୍ରଭାବ ସୃଷ୍ଟି କରୁଥିବା ଏବଂ ସେପରି ପ୍ରଭାବ ରିପୋର୍ଟ କରୁଥିବା ସତ୍ତାଗୁଡ଼ିକୁ ବାଛିବାରେ ସେମାନଙ୍କୁ ଏହା ସାହାଯ୍ୟ କରିପାରିବ । ନିର୍ଦ୍ଦିଷ୍ଟ ପ୍ରକାରର ସାମାଜିକ ଉଦ୍ୟମ ଯେପରିକି ପଞ୍ଜିକରଣ ମାନଦଣ୍ଡ ପୂରଣ କରୁଥିବା ଅଣ-ଲାଭ ସଂଗଠନ (NPO) (ପଞ୍ଜିକରଣ ମାନଦଣ୍ଡର ବିବରଣ ପାଇଁ ଦୟାକରି ପ୍ରଶ୍ନ ୨ ଦେଖନ୍ତୁ) SSEରେ ପଞ୍ଜିକୃତ ହୋଇପାରିବ ଏବଂ ସେମାନଙ୍କର ସାମାଜିକ ପ୍ରଭାବ ଉପରେ ନିରନ୍ତର ପ୍ରକାଶନ ପାଇଁ ବଚନବଦ୍ଧ ହୋଇ ପାରିବେ । SSE ମାଧ୍ୟମରେ ପାଣ୍ଠି ଏକାଠି କରିବାକୁ ଏହିପରି NPO ଗୁଡ଼ିକ ବାଛି ପାରନ୍ତି କିମ୍ବା ନ ବାଛି ପାରନ୍ତି, ତଥାପି ଷ୍ଟକ ଏକ୍ସଚେଞ୍ଜରେ ସାମାଜିକ ପ୍ରଭାବ ଉପରେ ଅନ୍ତର୍ଭୁକ୍ତ କରି ପ୍ରକାଶନ ଜାରି ରଖିପାରିବେ ।

**2. ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ପ୍ରସଙ୍ଗରେ ସାମାଜିକ ଉଦ୍ୟମ କ'ଣ?**

**କିମ୍ବା**

**କେଉଁ ସଂସ୍ଥା ନିଜକୁ ଏକ ସାମାଜିକ ଉଦ୍ୟମ ଭାବରେ ପରିଚିତ କରିପାରିବ?**

ଉତ୍ତର: ସକରାତ୍ମକ ସାମାଜିକ ପ୍ରଭାବ ସୃଷ୍ଟି କରିବାର କାର୍ଯ୍ୟକଳାପରେ ଜଡିତ ଏବଂ ସେମାନଙ୍କର ସାମାଜିକ ଉଦ୍ଦେଶ୍ୟର ପ୍ରାଧାନ୍ୟତା ପୂରଣ କରୁଥିବା ସାମାଜିକ ଉଦ୍ୟମର ନିମ୍ନଲିଖିତ ଦୁଇଟି ରୂପକୁ ସାମାଜିକ ଷ୍ଟକ ଏକ୍ସଚେଞ୍ଜ ଚିହ୍ନଟ କରିଥାଏ ।

i. ଅଣ-ଲାଭ ସଂଗଠନ (ବିବରଣ ପାଇଁ ଦୟାକରି ପ୍ରଶ୍ନ 5 ଦେଖନ୍ତୁ)
ii. ଲାଭକାରୀ ସାମାଜିକ ଉଦ୍ୟମ ପାଇଁ (ବିବରଣ ପାଇଁ ଦୟାକରି ପ୍ରଶ୍ନ 6 ଦେଖନ୍ତୁ)

ସାମାଜିକ ଉଦ୍ଦେଶ୍ୟର ପ୍ରାଧାନ୍ୟତା ପ୍ରତିଷ୍ଠା କରିବାକୁ ଯେ କୌଣସି ସଂସ୍ଥା [ଏହା ଅଣ-ଲାଭ ସଂଗଠନ (NPO) ହେଉ କିମ୍ବା ଲାଭକାରୀ ସାମାଜିକ ଉଦ୍ୟମ (FPE)] ICDR ବିନିୟମାବଳୀର ବିନିୟମ 292E (2) ଅଧୀନରେ ଉଲ୍ଲେଖିତ ତିନୋଟି ମାନଦଣ୍ଡ ପୂରଣ କରୁଥିବା ଉଚିତ । ସଂକ୍ଷେପରେ ବିନିୟମାବଳୀ 292E(2)(a) ଅଧୀନରେ ଧାର୍ଯ୍ୟ କାର୍ଯ୍ୟକଳାପରେ ସଂସ୍ଥା ସଂପୃକ୍ତ ହେବା ଏବଂ କେନ୍ଦ୍ରୀୟ କିମ୍ବା ରାଜ୍ୟ ସରକାରଙ୍କର ବିକାଶ ପ୍ରାଥମିକତାରେ କମ କାର୍ଯ୍ୟଦକ୍ଷତା ରେକର୍ଡ କରିଥିବା ନିମ୍ନ ସେବା ପ୍ରାପ୍ତ କିମ୍ବା କମ ବିଶେଷାଧିକାର ଥିବା ଜନସଂଖ୍ୟା ଖଣ୍ଡ କିମ୍ବା ଅଞ୍ଚଳକୁ ନିଶ୍ଚିତ ଲକ୍ଷ୍ୟ ରଖିବା ଆଦି ମାନଦଣ୍ଡର ଆବଶ୍ୟକତା ରହିଛି ।
ଅଧିକନ୍ତୁ, ଏକ ସାମାଜିକ ଉଦ୍ୟମ ଭାବରେ ପରିଚିତ ହେବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଜନସଂଖ୍ୟା ପାଇଁ ଯୋଗ୍ୟ କାର୍ଯ୍ୟକଳାପ ଭାବରେ ଏହାର 67% କାର୍ଯ୍ୟକଳାପ ଯୋଗ୍ୟ ହେବା ପାଇଁ ଏହା ନିମ୍ନଲିଖିତ ମଧ୍ୟରୁ ଯେକୌଣସି ଗୋଟିଏ ଦ୍ୱାରା ପ୍ରଦର୍ଶନ କରିବ:

i. ଲକ୍ଷ୍ୟ ରଖାଯାଇଥିବା ଜନସଂଖ୍ୟାର ସଦସ୍ୟମାନଙ୍କୁ ଯୋଗ୍ୟ କାର୍ଯ୍ୟକଳାପ ପ୍ରଦାନରୁ ପୂର୍ବବର୍ତ୍ତୀ 3 ବର୍ଷରେ ଏହାର ହାରାହାରି ରାଜସ୍ୱର ଅତି କମରେ 67% ଆସିଥାଏ;

କିମ୍ବା

ii. ଲକ୍ଷ୍ୟ ରଖାଯାଇଥିବା ଜନସଂଖ୍ୟାର ସଦସ୍ୟମାନଙ୍କୁ ଯୋଗ୍ୟ କାର୍ଯ୍ୟକଳାପ ପ୍ରଦାନ ପାଇଁ ପୂର୍ବବର୍ତ୍ତୀ 3 ବର୍ଷର ହାରାହାରି ଖର୍ଚ୍ଚ 67% ହୋଇଥାଏ;

କିମ୍ବା

iii. ଯୋଗ୍ୟ କାର୍ଯ୍ୟକଳାପ ଯୋଗାଇ ଦିଆଯାଉଥିବା ଲକ୍ଷ୍ୟ ରଖାଯାଇଥିବା ଜନସଂଖ୍ୟାର ସଦସ୍ୟ ପୂର୍ବବର୍ତ୍ତୀ 3 ବର୍ଷର ସମୁଦାୟ ଗ୍ରାହକ ଆଧାର ଏବଂ/କିମ୍ବା ସମୁଦାୟ ହିତାଧିକାରୀଙ୍କ ହାରାହାରି ଅତିକମରେ 67% ହୋଇଥାଏ ।

ଅବଶ୍ୟ ସୁଲଭ ଆବାସ ଯୋଜନା ବ୍ୟତୀତ କର୍ପୋରେଟ ଫାଉଣ୍ଡେସନ, ରାଜନୈତିକ କିମ୍ବା ଧାର୍ମିକ ସଂଗଠନ କିମ୍ବା କାର୍ଯ୍ୟକଳାପ, ବୃତ୍ତିଗତ କିମ୍ବା ବ୍ୟାପାର ସଙ୍ଘ, ଭିତ୍ତିଭୂମି, ଏବଂ ଗୃହ ନିର୍ମାଣ କମ୍ପାନୀ ଏକ ସାମାଜିକ ଉଦ୍ୟମ ଭାବରେ ପରିଚିତ ହେବାକୁ ଯୋଗ୍ୟ ହେବେ ନାହିଁ ।

**3. ସାମାଜିକ ଉଦ୍ୟମଗୁଡିକ ପାଇଁ ବାଧ୍ୟତାମୂଳକ ସର୍ବନିମ୍ନ ରିପୋର୍ଟ କରିବା ମାନକ କ'ଣ?**

ଉତ୍ତର: ବିକଶିତ ଏବଂ ନିୟୋଜିତ ହୋଇଥିବା ବିଭିନ୍ନ ରାଷ୍ଟ୍ରୀୟ ଏବଂ ଅନ୍ତରାଷ୍ଟ୍ରୀୟ ପରିମାପ ଢାଞ୍ଚାରୁ ମାନକ ତୁଳନାରେ ମୂଲ୍ୟାଙ୍କିତ ତତ୍ତ୍ୱ ଦ୍ୱାରା ସର୍ବନିମ୍ନ ରିପୋର୍ଟ କରିବା ମାନକ ସୃଷ୍ଟି କରାଯାଇଛି । ରିପୋର୍ଟ କରିବା ମାନକର ମୁଖ୍ୟ ତତ୍ତ୍ୱ:

i. **ଖଣ୍ଡ 1- ରଣନୀତିକ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ନିର୍ଦ୍ଧାରଣ**
   (a) ସାମାଜିକ ସମସ୍ୟାର ସମାଧାନ କରାଯିବା
   (b) ଲକ୍ଷ୍ୟ ରଖାଯାଇଥିବା କ୍ଷେତ୍ରକୁ ସେବା କରାଯିବା
   (c) ସମସ୍ୟାର ସମାଧାନ କରିବା ଉପାୟ

ii. **ଖଣ୍ଡ 2- ସାମାଜିକ ପ୍ରଭାବ ସ୍କୋରକାର୍ଡ**
   (a) ସେବା କରାଯାଇଥିବା ଲକ୍ଷ୍ୟ ରଖାଯାଇଥିବା କ୍ଷେତ୍ରର ବିସ୍ତାର
   (b) ମଝି ବ୍ୟକ୍ତିଙ୍କ ଉପରେ ପ୍ରଭାବର ତୀବ୍ରତା
   (c) ଆୟ**,** ସାମାଜିକ ସମାନତା ଏବଂ ବିବିଧତାର ମାଟ୍ରିକ

iii. **ଖଣ୍ଡ 3- ସାଧାରଣ ସୂଚନା**
   (a) ଶାସନ କରିବା ସଂସ୍ଥାର ସଦସ୍ୟ
   (b) ପୂର୍ବ ପାଣ୍ଠି ଯୋଗାଣ ଇତିହାସର ପ୍ରଦର୍ଶନ
   (c) ଆର୍ଥିକ, ପଞ୍ଜିକରଣ କିମ୍ବା ଲାଇସେନ୍ସ

**4. ସୋସିଅଲ ଷ୍ଟକ ଏକ୍ସଚେଞ୍ଜ / ଷ୍ଟକ ଏକ୍ସଚେଞ୍ଜ ମାଧ୍ୟମରେ କେଉଁ ସାମାଜିକ ଉଦ୍ୟମଗୁଡିକ ପଞ୍ଜିକୃତ ହେବା କିମ୍ବା ପାଣ୍ଠି ଏକାଠି କରିବାକୁ ଯୋଗ୍ୟ ନୁହଁନ୍ତି?**

ଉତ୍ତର: ସୋସିଅଲ ଷ୍ଟକ ଏକ୍ସଚେଞ୍ଜ / ଷ୍ଟକ ଏକ୍ସଚେଞ୍ଜ ମାଧ୍ୟମରେ ପଞ୍ଜିକରଣ କିମ୍ବା ପାଣ୍ଠି ଏକାଠି କରିବାକୁ ଏକ ସାମାଜିକ ଉଦ୍ୟମ ଯୋଗ୍ୟ ହେବ ନାହିଁ, ଯଦି –

a) ଏହାର ଯେକୌଣସି ପ୍ରୋତ୍ସାହକ, ପ୍ରୋତ୍ସାହକ ଗୋଷ୍ଠୀ କିମ୍ବା ନିର୍ଦ୍ଦେଶକ କିମ୍ବା ବିକ୍ରି କରୁଥିବା ଅଂଶୀଦାର (ଲାଭକାରୀ ସାମାଜିକ ଉଦ୍ୟମ କ୍ଷେତ୍ରରେ) କିମ୍ବା ଟ୍ରଷ୍ଟି ସମୂହଙ୍କୁ ସିକ୍ୟୁରିଟି ବଜାର ପ୍ରବେଶ କରିବାକୁ SEBI ଦ୍ୱାରା ବାରଣ କରାଯାଇଛି ।
b) SEBI ଦ୍ୱାରା ସିକ୍ୟୁରିଟି ବଜାର ପ୍ରବେଶ କରିବାକୁ ବାରଣ କରାଯାଇଥିବା ଅନ୍ୟ ଯେକୌଣସି କମ୍ପାନୀ କିମ୍ବା ସାମାଜିକ ଉଦ୍ୟମର କୌଣସି ପ୍ରୋତ୍ସାହକ କିମ୍ବା ନିର୍ଦ୍ଦେଶକ ଏହି ସାମାଜିକ ଉଦ୍ୟମର ପ୍ରମୋଟର କିମ୍ବା ନିର୍ଦ୍ଦେଶକ କିମ୍ବା ଟ୍ରଷ୍ଟି ହୋଇଥିଲେ;
c) ସାମାଜିକ ଉଦ୍ୟମ କିମ୍ବା ଏହାର ଯେକୌଣସି ପ୍ରୋତ୍ସାହକ କିମ୍ବା ନିର୍ଦ୍ଦେଶକ କିମ୍ବା ଟ୍ରଷ୍ଟି ଏକ ଇଚ୍ଛାକୃତ ଖିଲାପକାରୀ କିମ୍ବା ଜଣେ ଠକ ଋଣଗ୍ରହିତା ହୋଇଥିଲେ;
d) ଏହାର ଯେକୌଣସି ପ୍ରୋତ୍ସାହକ କିମ୍ବା ନିର୍ଦ୍ଦେଶକ କିମ୍ବା ଟ୍ରଷ୍ଟି ପଳାତକ ଅର୍ଥନୈତିକ ଅପରାଧୀ ହୋଇଥିଲେ;
e) ଗୃହ ମନ୍ତ୍ରଣାଳୟ କିମ୍ବା କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ଅନ୍ୟ କୌଣସି ମନ୍ତ୍ରଣାଳୟ କିମ୍ବା ଚାରିଟେବୁଲ କମିଶନର କିମ୍ବା ଅନ୍ୟ କୌଣସି ବୈଧାନିକ ସଂସ୍ଥା ଦ୍ୱାରା ସାମାଜିକ ଉଦ୍ୟମ କିମ୍ବା ତା'ର କୌଣସି ପ୍ରୋତ୍ସାହକ କିମ୍ବା ନିର୍ଦ୍ଦେଶକ କିମ୍ବା ଟ୍ରଷ୍ଟି ଏହାର କାର୍ଯ୍ୟକଳାପ କିମ୍ବା ପାଣ୍ଠି ଏକାଠି କରିବାକୁ ବାରଣ କରାଯାଇଥିଲେ ।

**5. ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ପରିପ୍ରେକ୍ଷୀରେ ଅଣ-ଲାଭକାରୀ ସଂଗଠନ କ'ଣ?**
**କିମ୍ବା**
**ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ପରିପ୍ରେକ୍ଷୀରେ କେଉଁ ସଂସ୍ଥା ଅଣ-ଲାଭକାରୀ ସଂଗଠନ ବୋଲି ଚିହ୍ନଟ କରା ଯାଇ ପାରିବ?**

ଉତ୍ତର: ଅଣ-ଲାଭକାରୀ ସଂଗଠନ ଏକ ସଂସ୍ଥା ଯାହା ଏକ ସାମାଜିକ ଉଦ୍ୟମ ଭାବରେ ପରିଚିତ ହେବାର ମାନଦଣ୍ଡ ପୂରଣ କରିଥାଏ (ଦୟାକରି ପ୍ରଶ୍ନ 2 ଦେଖନ୍ତୁ) ଏବଂ ନିମ୍ନଲିଖିତ ସଂସ୍ଥାଗୁଡିକ ମଧ୍ୟରୁ ଯେକୌଣସି ହୋଇଥାଏ:

i. ସଂପୃକ୍ତ ରାଜ୍ୟର ଜନସାଧାରଣ ଟ୍ରଷ୍ଟ ଆଇନ ଅନୁଯାୟୀ ପଞ୍ଜିକୃତ ଏକ ଚାରିଟେବୁଲ ଟ୍ରଷ୍ଟ;

ii. ସୋସାଇଟି ପଞ୍ଜିକରଣ ଅଧିନିୟମ, 1860 (1860ର 21) ଅନୁଯାୟୀ ପଞ୍ଜିକୃତ ଏକ ଚାରିଟେବୁଲ ସୋସାଇଟି;

iii. କମ୍ପାନୀ ଅଧିନିୟମ, 2013ର (2013ର 18) ଧାରା 8 ଅନୁଯାୟୀ ନିଗମିତ ଏକ କମ୍ପାନୀ;

iv. SEBI ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ଅନ୍ୟ ଯେକୌଣସି ସଂସ୍ଥା;

**6. ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ପରିପ୍ରେକ୍ଷୀରେ ଲାଭଜନକ ସାମାଜିକ ଉଦ୍ୟମ କ'ଣ?**
**କିମ୍ବା**
**ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ପରିପ୍ରେକ୍ଷୀରେ କେଉଁ ସଂସ୍ଥାକୁ ଲାଭଜନକ ସାମାଜିକ ଉଦ୍ୟମ ଭାବରେ ଚିହ୍ନଟ କରାଯାଇପାରିବ**?

ଉତ୍ତର: ଏକ ସାମାଜିକ ଉଦ୍ୟମ (ଦୟାକରି ପ୍ରଶ୍ନ 2 ଦେଖନ୍ତୁ) ଭାବରେ ପରିଚିତ ହେବାର ମାନଦଣ୍ଡ ପୂରଣ

କରୁଥିବା କୌଣସି ସଂସ୍ଥା ଏକ ଲାଭଜନକ ସାମାଜିକ ଉଦ୍ୟମ ଅଟେ ଏବଂ ନିମ୍ନଲିଖିତ ସଂସ୍ଥାଗୁଡିକ ମଧ୍ୟରୁ ଯେକୌଣସି ହୋଇଥାଏ:

i. କମ୍ପାନୀ ଅଧିନିୟମ, 2013 ଅଧିନସ୍ଥ ଲାଭ ପାଇଁ କାର୍ଯ୍ୟ କରୁଥିବା ଏକ କମ୍ପାନୀ ଏବଂ କମ୍ପାନୀ ଅଧିନିୟମ, 2013ର (2013ର18) ଧାରା 8 ଅନୁଯାୟୀ ନିଗମିତ କୌଣସି କମ୍ପାନୀକୁ ଅନ୍ତର୍ଭୁକ୍ତ କରେ ନାହିଁ;

ii. ଲାଭ ପାଇଁ କାର୍ଯ୍ୟ କରୁଥିବା ଏକ ନିଗମ ସଂସ୍ଥା

**7. ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ମାଧମରେ ଏକ ଅଣ-ଲାଭକାରୀ ସଂଗଠନ କେଉଁ ଉପାୟରେ ଏକ ପାଣ୍ଠି ଏକାଠି କରିଥାଏ?**

ଉତ୍ତର: ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ପଞ୍ଜିକରଣ କରିବା ପରେ ଏକ ଅଣ-ଲାଭକାରୀ ସଂଗଠନ ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ଏକାଠି କରିବା ପାଣ୍ଠିର ମାଧମ:

i. ଜିରୋ କୁପନ ଜିରୋ ପ୍ରିନ୍ସିପାଲ ସାଧନ ଆବଣ୍ଟନ [ପ୍ରାଇଭେଟ ପ୍ଲେସମେଣ୍ଟ କିମ୍ବା ସର୍ବସାଧାରଣ ଆବଣ୍ଟନ ମାଧମରେ]

ii. ମ୍ୟୁଚୁଆଲ ଫଣ୍ଡ ଯୋଜନା ମାଧମରେ ଦାନ [SEBI ଦ୍ୱାରା ଯେପରି ନିର୍ଦ୍ଦିଷ୍ଟ କରାଯିବ]

iii. ଭବିଷ୍ୟତରେ SEBI ଦ୍ୱାରା ନିର୍ଦ୍ଦିଷ୍ଟ କରାଯିବା ଅନ୍ୟ ଯେକୌଣସି ଉପାୟ

**8. ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ମାଧମରେ ପାଣ୍ଠି ଏକାଠି କରିବା ପାଇଁ ଏକ ଅଣ-ଲାଭକାରୀ ସଙ୍ଗଠନକୁ ପଞ୍ଜିକରଣ କରିବା ବାଧ୍ୟତାମୂଳକ କି?**

ଉତ୍ତର: ହଁ, ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ମାଧମରେ ପାଣ୍ଠି ଏକାଠି କରିବା ପୂର୍ବରୁ ଅଣ-ଲାଭକାରୀ ସଙ୍ଗଠନକୁ ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ପଞ୍ଜିକରଣ କରିବା ବାଧ୍ୟତାମୂଳକ ଅଟେ ।

ଅବଶ୍ୟ, ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ପଞ୍ଜିକୃତ ହେଉ କି ନ ହେଉ ଆଇନ ଅନୁଯାୟୀ ଅନୁମୋଦିତ ଅନ୍ୟ ଯେକୌଣସି ଉପାୟ ମାଧମରେ ଅଣ-ଲାଭକାରୀ ସଙ୍ଗଠନ ପାଣ୍ଠି ଏକାଠି କରିବା ଜାରି ରଖିପାରେ ।

**9. ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ଅଣ-ଲାଭକାରୀ ସଙ୍ଗଠନ ପଞ୍ଜିକରଣ କରିବା ପାଇଁ କେଉଁ ମାନଦଣ୍ଡ ଅଛି?**

**ଉତ୍ତର: NPO ପଞ୍ଜିକରଣ**

ଯେକୌଣସି ପ୍ରାବଧାନ କିମ୍ବା ନିର୍ଦ୍ଦେଶାବଳୀ ପାଳନ କରିବାରେ ବିଫଳତା କ୍ଷେତ୍ରରେ ଅନ୍ୟ ତାଲିକାଭୁକ୍ତ ସଂସ୍ଥା ପରି ପ୍ରଶାସନିକ ଚେତାବନୀ ଜାରି କରିବା, SEBI ଅଧିନିୟମର ଅଧ୍ୟାୟ VIA ଅନୁଯାୟୀ ଦଣ୍ଡ ବିଧାନ କରିବା, କିମ୍ବା ଅଧିକାରରୁ ବଞ୍ଚିତ କରିବା ଏବଂ/କିମ୍ବା ପେନାଲ୍ଟି ପାଇଁ SEBI ଅଧିନିୟମ, u/s 11 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପ୍ରବର୍ତ୍ତନ କାର୍ଯ୍ୟ ଆରମ୍ଭ କରିବାର କ୍ଷମତା SEBI ସଂରକ୍ଷଣ ରଖିଛି ।

ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ କୌଣସି ଅଣ-ଲାଭକାରୀ ସଙ୍ଗଠନ ପଞ୍ଜିକୃତ କରିବା ପାଇଁ ସେପ୍ଟେମ୍ବର 19, 2022ରେ SEBI ଏହାର ସର୍କୁଲାର ଜରିଆରେ ନିର୍ଦ୍ଦିଷ୍ଟ ସର୍ବନିମ୍ନ ଆବଶ୍ୟକତା ନିର୍ଦ୍ଧାରଣ କରିଛି । ସଂକ୍ଷେପରେ NPOର ବୟସ ଅନିବାର୍ଯ୍ୟ 3 ବର୍ଷ, ଆୟକର ଅଧିନିୟମ u/s 12A/12AA/12ABର ବୈଧ ପ୍ରମାଣପତ୍ର, ବୈଧ 80G ପଞ୍ଜିକରଣ, ସର୍ବନିମ୍ନ INR 50 ଲକ୍ଷ ବାର୍ଷିକ ଖର୍ଚ୍ଚ ଏବଂ ବିଗତ ବର୍ଷରେ ସର୍ବନିମ୍ନ INR 10 ଲକ୍ଷ ପାଣ୍ଠି ଇତ୍ୟାଦି ଏହି ମାନଦଣ୍ଡରେ ଅନ୍ତର୍ଭୁକ୍ତ ।

ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ଅଣ-ଲାଭକାରୀ ସଙ୍ଗଠନ ପଞ୍ଜିକୃତ ହେବା ପାଇଁ ଏହା ଅତିରିକ୍ତ ଆବଶ୍ୟକତା ଧାର୍ଯ୍ୟ କରିବାକୁ ମଧ୍ୟ ଅନୁମୋଦିତ ଅଟେ ।

**10. ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ପଞ୍ଜିକୃତ ଅଣ-ଲାଭକାରୀ ସଂସ୍ଥାଗୁଡିକ ତାଲିକାଭୁକ୍ତ ହେବା ବାଧ୍ୟତାମୂଳକ କି?**

ଉତ୍ତର: ICDR ବିନିୟମାବଳୀର ବିନିୟମ 292F ଅନୁଯାୟୀ ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ପଞ୍ଜିକୃତ ହୋଇଥିବା ଅଣ-ଲାଭକାରୀ ସଙ୍ଗଠନ ପାଇଁ ତାଲିକାଭୁକ୍ତ ହେବା ବାଧ୍ୟତାମୂଳକ ନୁହେଁ, ତଥାପି ସାମାଜିକ ଷ୍ଟକ ଏକ୍ସଚେଞ୍ଜ ମାଧ୍ୟମରେ ପାଣ୍ଠି ଏକାଠି କରିବା ପୂର୍ବରୁ ବାଧ୍ୟତାମୂଳକ ଭାବରେ ଏହାକୁ ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ପଞ୍ଜିକୃତ କରିବାକୁ ହେବ ।


କୌଣସି ଅଣ-ଲାଭକାରୀ ସଙ୍ଗଠନ ସାମାଜିକ ଷ୍ଟକ ଏକ୍ସଚେଞ୍ଜରେ ପଞ୍ଜିକରଣ କରିବା ଏବଂ ଏହା ମାଧ୍ୟମରେ ପାଣ୍ଠି ଏକାଠି ନ କରିବା ପାଇଁ ବାଛିପାରେ । ଅନ୍ୟ କୌଣସି ଉପାୟ ମାଧ୍ୟମରେ ମଧ୍ୟ ଏହା ପାଣ୍ଠି ଏକାଠି କରିବା ଜାରି ରଖିପାରେ ।

**11. ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ଯାନ୍ତ୍ରିକତା ମାଧ୍ୟମରେ ଅଣ-ଲାଭକାରୀ ସଂଗଠନ ପାଇଁ କେଉଁ ସଂରଚିତ ଅର୍ଥ ଉତ୍ପାଦ ଉପଲବ୍ଧ?**

ଉତ୍ତର: ନିମ୍ନରେ NPO ପାଇଁ ଅର୍ଥ ଏକାଠି କରିବା ସିକ୍ୟୁରିଟି/ଉପାୟର ତାଲିକା ଦିଆଯାଇଛି:

i. **ଡେଭଲପମେଣ୍ଟ ଇମ୍ପାକ୍ଟ ବଣ୍ଡ** - ପୂର୍ବ ସହମତ ହାରରେ ପୂର୍ବ ସହମତ ସାମାଜିକ ମେଟ୍ରିକ୍ସ ପୂରଣ କରି ସମାପ୍ତ ହୋଇଥିବା ପ୍ରକଳ୍ପର ଏଗୁଡିକ ସଂରଚିତ ଆର୍ଥିକ ଉତ୍ପାଦ ଅଟେ, "ଆଉଟକମ ଫଣ୍ଡର" କୁହାଯାଉଥିବା ଦାତାଙ୍କଠାରୁ ପ୍ରକଳ୍ପର ସେବା ପ୍ରଦାନକାରୀ ଅନୁଦାନ ଗ୍ରହଣ କରନ୍ତି ।

   ପୂର୍ବ-ସହମତ ମୂଲ୍ୟ/ହାରରେ ପୂର୍ବ-ସହମତ ହୋଇଥିବା ସାମାଜିକ ମେଟ୍ରିକ୍ସ NPO ବିତରଣ କରିବା ପରେ ଏହାକୁ କୌଣସି ଅନୁଦାନ ପ୍ରଦାନ କରିବା DIB ସଂରଚନାର ମୌଳିକ ସିଦ୍ଧାନ୍ତ ଅଟେ । ସାମାଜିକ ମେଟ୍ରିକ୍ସ ହାସଲ ହେବା ବେଳେ ଅନୁଦାନ ଦେଉଥିବା ଦାତାଙ୍କୁ "ଆଉଟକମ ଫଣ୍ଡର" କୁହାଯାଏ । ଆଉଟକମ ଫଣ୍ଡର ଘଟଣା ପରବର୍ତ୍ତୀ ଆଧାରରେ ଦେୟ ପ୍ରଦାନ କରୁଥିବା ଯୋଗୁଁ NPOକୁ ଏହାର ସଂଚାଳନ ପାଇଁ ଅର୍ଥ ଏକାଠି କରିବା ଆବଶ୍ୟକ ହୋଇଥାଏ । ଏହିପରି ପାଣ୍ଠି ପ୍ରଦାନକାରୀଙ୍କୁ ''ରିସ୍କ ଫଣ୍ଡର'' କୁହାଯାଏ । ରିସ୍କ ଫଣ୍ଡର କେବଳ ପ୍ରାକ-ଦେୟ ଆଧାରରେ ସଞ୍ଚାଳନକୁ ଆର୍ଥିକ ସକ୍ଷମ କରେ ନାହିଁ, ବରଂ NPO ଦ୍ୱାରା ସାମାଜିକ ମେଟ୍ରିକ୍ସ ବିତରଣ ନକରିବାର ସଙ୍କଟ ମଧ୍ୟ ଉଠାଇଥାଏ । ଏହି ସଙ୍କଟକୁ ଭରଣା କରିବା ପାଇଁ ସାମାଜିକ ମେଟ୍ରିକ୍ସ ବିତରଣ ହେଲେ ରିସ୍କ ପାଣ୍ଠି ପ୍ରଦାନକାରୀ ସାଧାରଣତଃ ଏକ ଛୋଟ ରିଟର୍ଣ୍ଣ ଲାଭ କରିଥାଏ ।




**12. ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ମାଧ୍ୟମରେ ପାଣ୍ଠି ଏକାଠି କରିବା ପାଇଁ ଲାଭକାରୀ ସାମାଜିକ ଉଦ୍ୟମଗୁଡିକ ପାଇଁ ପଞ୍ଜିକରଣ କରିବା ବାଧ୍ୟତାମୂଳକ କି?**

ଉତ୍ତର: ନା, SSE ମାଧ୍ୟମରେ ପାଣ୍ଠି ଏକାଠି କରିବା ପୂର୍ବରୁ କୌଣସି ଲାଭକାରୀ ସାମାଜିକ ଉଦ୍ୟମକୁ ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ପଞ୍ଜିକରଣ କରିବା ଆବଶ୍ୟକ ନାହିଁ । ଯଦିଓ SSE ମାଧ୍ୟମରେ ପାଣ୍ଠି ଏକାଠି କରିବା ପୂର୍ବରୁ ICDR ବିନିୟମାବଳୀ, AIF ବିନିୟମାବଳୀର [ଏହାର ପାଣ୍ଠି ଏକାଠି କରିବା ଉପାୟ ପାଇଁ ଯେପରି ଲାଗୁ ହୋଇଥାଏ] ସମସ୍ତ ପ୍ରାବଧାନ ଲାଭକାରୀ ସାମାଜିକ ଉଦ୍ୟମ ପାଳନ କରିବ ।

**13. ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ମାଧ୍ୟମରେ ଲାଭକାରୀ ସାମାଜିକ ଉଦ୍ୟମ କିପରି ପାଣ୍ଠି ଏକାଠି କରିପାରିବ?**

ଉତ୍ତର: ଲାଭକାରୀ ସାମାଜିକ ଉଦ୍ୟମର ପାଣ୍ଠି ଏକାଠି କରିବା ମାଧ୍ୟମ -

i. ଏକ୍ୱିଟି ସେୟର ଜାରି କରିବା (ମାମଲା ଅନୁସାରେ ମୁଖ୍ୟ ବୋର୍ଡ, SME ପ୍ଲାଟଫର୍ମ କିମ୍ବା ଷ୍ଟକ ଏକ୍ସଚେଞ୍ଜର ଇନୋଭେଟର ଗ୍ରୋଥ ମଞ୍ଚ ପ୍ଲାଟଫର୍ମରେ)
ii. ସାମାଜିକ ପ୍ରଭାବ ପାଣ୍ଠି ସହିତ ଏକ ବୈକଳ୍ପିକ ବିନିଯୋଗ ପାଣ୍ଠିକୁ ଏକ୍ୱିଟି ସେୟର ଜାରି କରିବା
iii. ଋଣ ସାଧନ ଜାରି କରିବା
iv. SEBI ଦ୍ୱାରା ଭବିଷ୍ୟତରେ ନିର୍ଦ୍ଦିଷ୍ଟ କରାଯିବା ଅନ୍ୟ କୌଣସି ଉପାୟ

ମାମଲା ଅନୁସାରେ ମୁଖ୍ୟ ବୋର୍ଡ, SME ମଞ୍ଚ କିମ୍ବା ଷ୍ଟକ ଏକ୍ସଚେଞ୍ଜର ଇନୋଭେଟର ଗ୍ରୋଥ ମଞ୍ଚରେ ଲାଭକାରୀ-ସଙ୍ଗଠନ ଏକ୍ୱିଟି ସେୟର ଜାରି କରିଥିଲେ SEBI (ICDR ବିନିୟମାବଳୀ) 2018 ଅନୁଯାୟୀ ସଂପୃକ୍ତ ମଞ୍ଚ ପାଇଁ ଯୋଗ୍ୟତା ମାନଦଣ୍ଡ ମଧ୍ୟ ଏହା ପାଇଁ ବାଧ୍ୟତାମୂଳକ ଭାବେ ପୂରଣ କରିବା ଆବଶ୍ୟକ ଅଟେ ।

ସେହିଭଳି AIFକୁ ଏକ୍ୱିଟି ସେୟର ଜାରି କରିବା, ଋଣ ସିକ୍ୟୁରିଟି ଜାରି କରିବା ଇତ୍ୟାଦି ପାଇଁ ସଂପୃକ୍ତ SEBI ବିନିୟମାବଳୀକୁ ପାଳନ କରିବା ଆବଶ୍ୟକ ହେବ ।

**14. ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ମଞ୍ଚରେ ସାମାଜିକ ଉଦ୍ୟମ ଦ୍ୱାରା ଜାରି କରାଯାଇଥିବା ସିକ୍ୟୁରିଟିରେ ଖୁଚୁରା ନିବେଶକମାନେ ବିନିଯୋଗ କରିପାରିବେ କି?**

ଉତ୍ତର: କେବଳ ମୁଖ୍ୟ ବୋର୍ଡ ଅଧୀନରେ ଲାଭକାରୀ ସାମାଜିକ ଉଦ୍ୟମ ଦ୍ୱାରା ଯଚା ଯାଇଥିବା ସିକ୍ୟୁରିଟିରେ ବିନିଯୋଗ କରିବାକୁ ଖୁଚୁରା ନିବେଶକଙ୍କୁ ଅନୁମତି ଦିଆଯାଇଛି । ଅନ୍ୟ ସମସ୍ତ କ୍ଷେତ୍ରରେ ସାମାଜିକ ଉଦ୍ୟମ ଦ୍ୱାରା ଜାରି କରାଯାଇଥିବା ସିକ୍ୟୁରିଟିରେ କେବଳ ଆନୁଷ୍ଠାନିକ ନିବେଶକ ଏବଂ ଅଣ-ଆନୁଷ୍ଠାନିକ ନିବେଶକମାନେ ବିନିଯୋଗ କରିପାରିବେ ।

'ସାମାଜିକ ଉଦ୍ଦେଶ୍ୟର ପ୍ରାଥମିକତା'
"SEBI (ପୁଞ୍ଜି ଏବଂ ପ୍ରକାଶ ଆବଶ୍ୟକତା ମାମଲା) ବିନିୟମାବଳୀ, 2018 ଅନୁଯାୟୀ ଦୁଇ ଲକ୍ଷରୁ ଅଧିକ ହୋଇନଥିବା ମୂଲ୍ୟ ପାଇଁ ନିର୍ଦ୍ଦିଷ୍ଟ ସିକ୍ୟୁରିଟି ପାଇଁ ଆବେଦନ କିମ୍ବା ବୋଲି ଲଗାଇଥିବା ନିବେଶକ ଜଣେ ଖୁଚୁରା ବ୍ୟକ୍ତିଗତ ନିବେଶକ ଅଟନ୍ତି ଏବଂ ଖୁଚୁରା ବ୍ୟକ୍ତିଗତ ନିବେଶକ ଓ ଯୋଗ୍ୟ ସଂସ୍ଥାଗତ କ୍ରେତା ବ୍ୟତୀତ ପୃଥକ ଭାବରେ ଅଣ-ସଂସ୍ଥାଗତ ନିବେଶକକୁ ଏକ ନିବେଶକ ଭାବରେ ବ୍ୟାଖ୍ୟା କରାଯାଇଥାଏ ।"

**15. ଏକ ବୈକଳ୍ପିକ ବିନିଯୋଗ ପାଣ୍ଠି ପାଇଁ କୌଣସି ଲାଭକାରୀ-ସଂଗଠନ ଏକ୍ୱିଟି ସେୟର ଜାରି କରିପାରିବ କି?**

ଉତ୍ତର: ହଁ, ଏକ ବୈକଳ୍ପିକ ବିନିଯୋଗ ପାଣ୍ଠି ପାଇଁ ଏକ ଅଣ-ତାଲିକାଭୁକ୍ତ ଲାଭକାରୀ ସଂଗଠନ ଏକ୍ୱିଟି ସେୟର ଜାରି କରିପାରିବ ।

**16. ମୋର ପୂର୍ବବର୍ତ୍ତୀ 3 ବର୍ଷର ହାରାହାରି 67% ତଳେ ଥିବା ବେଳେ ଗତ ବର୍ଷ ମୋର କାର୍ଯ୍ୟକଳାପର 67% ଯୋଗ୍ୟ କାର୍ଯ୍ୟକଳାପ ତାଲିକାର ଗୋଟିଏ କିମ୍ବା ଏକାଧିକ ଆଇଟମ'ରେ ଥିଲେ ମୁଁ ପଞ୍ଜିକରଣ ପାଇଁ ଯୋଗ୍ୟ ହେବି କି?**

ଉତ୍ତର: ନା, ଆପଣଙ୍କର ମୋଟ କାର୍ଯ୍ୟକଳାପର 67%ରୁ ଆପଣଙ୍କର 3 ବର୍ଷର ହାରାହାରି କାର୍ଯ୍ୟକଳାପ ଅଧିକ କିମ୍ବା ସମାନ ନହେବା ପର୍ଯ୍ୟନ୍ତ ଆପଣ SSEରେ ପଞ୍ଜିକରଣ କିମ୍ବା ତାଲିକାଭୁକ୍ତ କରିବାକୁ ଆବେଦନ କରିବା ପାଇଁ ଯୋଗ୍ୟ ନୁହଁନ୍ତି ।

**17. କୌଣସି ବଡ଼ି କର୍ପୋରେଟ'ର ପ୍ରୋତ୍ସାହକମାନଙ୍କ ଦ୍ୱାରା ପ୍ରୋତ୍ସାହିତ NPO ଆବେଦନ କରିବାକୁ ଯୋଗ୍ୟ ହେବ କି?**

ଉତ୍ତର: NPO ଏହାର 50%ରୁ ଅଧିକ ଅର୍ଥ ଯୋଗାଣ ପାଇଁ କର୍ପୋରେଟ ଉପରେ ନିର୍ଭରଶୀଳ ହୋଇଥିଲେ ଏହା ଆବେଦନ କରିବାକୁ ଯୋଗ୍ୟ ହେବ ନାହିଁ ।

**18. ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ପଞ୍ଜିକରଣ କରିବା ପୂର୍ବରୁ NPOକୁ 3 ବର୍ଷ ପାଇଁ ସଞ୍ଚାଳିତ ହୋଇଥିବା ଆବଶ୍ୟକ ନା ନାହିଁ?**

ଉତ୍ତର: ହଁ, ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ପଞ୍ଜିକରଣ କରିବା ପୂର୍ବରୁ ଏକ ଅଣ-ଲାଭକାରୀ ସଂଗଠନ ବାଧ୍ୟତାମୂଳକ ଭାବରେ 3 ବର୍ଷ ସଞ୍ଚାଳିତ ହୋଇଥିବା ଆବଶ୍ୟକ ।

**19. NPO 3 ବର୍ଷ ଧରି ସଞ୍ଚାଳିତ ହେଉଛି ବୋଲି ଦର୍ଶାଇବାକୁ କେଉଁ ପ୍ରମାଣ ଆବଶ୍ୟକ?**

ଉତ୍ତର: NPO 3 ବର୍ଷ ଧରି ସଞ୍ଚାଳିତ ହେଉଛି ବୋଲି ଦର୍ଶାଇବାକୁ ନିଗମନ ପ୍ରମାଣପତ୍ର ଏବଂ ତିନି ବର୍ଷ ପାଇଁ ଆର୍ଥିକ ଅଡିଟ ହୋଇଥିବା ଭଳି ଦସ୍ତାବିଜ ଆବଶ୍ୟକ ।

**20. NGO ଦର୍ପଣ ପୋର୍ଟଲ'ରେ ପଞ୍ଜିକରଣ ହୋଇନଥିବା କୌଣସି NPO ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ପଞ୍ଜିକରଣ କରିପାରିବ କି?**

ଉତ୍ତର: ନା, ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ NPOକୁ ପଞ୍ଜିକରଣ କରିବା ପାଇଁ NGO ଦର୍ପଣ ପୋର୍ଟଲରେ ଏହାର ପଞ୍ଜିକରଣ ବାଧ୍ୟତାମୂଳକ ଭାବରେ ଆବଶ୍ୟକ ।

**21. ପଞ୍ଜିକରଣ ପାଇଁ ଦାଖଲ ହେବାକୁ ଆବଶ୍ୟକ ଥିବା ଦଲିଲଗୁଡିକୁ କିଏ ପ୍ରମାଣିତ କରିବ?**

ଉତ୍ତର: ସିଇଓ କିମ୍ବା ଶାସକ ଦଳର ଯେକୌଣସି ଦୁଇ ଜଣ ପ୍ରାଧିକୃତ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଦଲିଲଗୁଡିକ ପ୍ରମାଣିତ କରାଯିବା ଆବଶ୍ୟକ ।

**22. SSEରେ କୌଣସି NPO ପଞ୍ଜିକୃତ ହୋଇଥିଲେ ଏଥିରେ କୌଣସି ସାଧନ ତାଲିକାଭୁକ୍ତ ନକରି ମଧ୍ୟ ସେମାନଙ୍କୁ ସମସ୍ତ ପାଳନ ଅନୁସରଣ କରିବାକୁ ପଡିବ କି?**

ଉତ୍ତର: ହଁ, ସମସ୍ତ ପ୍ରଯୁଜ୍ୟ SEBI (LODR) ବିନିୟମାବଳୀ, 2015 ଏବଂ ଏହାର ପରିପତ୍ର'କୁ NPO ପାଳନ କରିବା ଆବଶ୍ୟକ ।

**23. ଏହା କେବଳ ଭାରତୀୟ ସଂସ୍ଥାଗୁଡିକ ପାଇଁ ଉଦ୍ଦିଷ୍ଟ ନା ଅନ୍ତରାଷ୍ଟ୍ରୀୟ NPOଗୁଡିକ ମଧ୍ୟ ପଞ୍ଜିକୃତ ହୋଇପାରିବେ?**

ଉତ୍ତର: ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ କେବଳ ଭାରତୀୟ ସଂସ୍ଥା ପଞ୍ଜିକରଣ କରିପାରିବେ ।

**24. କୌଣସି କର୍ପୋରେଟ ଏକ ଔପଚାରିକ ସଂଗଠନ ଗଠନ ମାଧ୍ୟମରେ ଗୋଟିଏ NPOକୁ ପ୍ରୋତ୍ସାହିତ କରୁଥିଲେ ଏବଂ ତା'ପରେ SSEରେ NPOକୁ ପଞ୍ଜିକରଣ କରିବାକୁ ଚାହୁଁଥିଲେ, ତାହାକୁ ଅନୁମତି ଦିଆଯାଏ କି?**

ଉତ୍ତର: ନା, NPO ପାଇଁ ଅଧିକାଂଶ ଅର୍ଥ ଉକ୍ତ କର୍ପୋରେଟ'ରୁ ଆସୁଥିଲେ କିମ୍ବା NPO ପ୍ରତି କର୍ପୋରେଟ'ର ନିୟନ୍ତ୍ରଣ ଆଗ୍ରହ ଥିଲେ ଏହାକୁ ଅନୁମତି ଦିଆଯାଏ ନାହିଁ ।

**25. SSE ମାଧ୍ୟମରେ ପୂର୍ବବର୍ତ୍ତୀ ବର୍ଷରେ NPO କୌଣସି ଟଙ୍କା ଏକାଠି କରି ନ ପାରିଥିଲେ ବର୍ଷେ ପରେ**

**ପଞ୍ଜିକରଣ ନବୀକରଣ କରିବା ସେମାନଙ୍କ ପାଇଁ ସମ୍ଭବ ହେବ କି?**

ଉତ୍ତର: ହଁ, ଏକ ବର୍ଷ ପରେ NPO ପଞ୍ଜିକରଣ ନବୀକରଣ କରିପାରେ ଯଦି ସେମାନେ SSE ମାଧ୍ୟମରେ ପୂର୍ବବର୍ତ୍ତୀ ବର୍ଷରେ କୌଣସି ଟଙ୍କା ଏକାଠି କରି ନାହାଁନ୍ତି ।

ଆବଶ୍ୟକତା ଅନୁଯାୟୀ ଯଦି ସେମାନେ ସମସ୍ତ ପ୍ରକାଶନ ସମାପ୍ତ କରିଥାନ୍ତି ।

**26. ଧରାଯାଉ, ଆମେ ଏକ SE ଭାବରେ ପଞ୍ଜିକୃତ ହୋଇଥାନ୍ତୁ ଏବଂ ଆଗକୁ ବଢିବା ବେଳେ ଆମେ କୌଣସି ନିର୍ଦ୍ଦେଶାବଳୀ ଅନୁସରଣ କରିବାରେ ବିଫଳ ହେଲେ ସମ୍ଭାବ୍ୟ ଦୁଃସପ୍ରଭାବ କ'ଣ ହେବ?**

ଅନ୍ୟ ତାଲିକାଭୁକ୍ତ ସଂସ୍ଥାଗୁଡ଼ିକ ପରି ଯେକ any ଣସି ନିୟମାବଳୀ କିମ୍ବା ନିର୍ଦ୍ଦେଶାବଳୀ ପାଳନ କରିବାରେ ବିଫଳତା ପରି, SEBI କାର୍ଯ୍ୟନିର୍ବାହୀ କାର୍ଯ୍ୟ ଆରମ୍ଭ କରିବାର କ୍ଷମତା ସଂରକ୍ଷଣ କରିଥାଏ ଯେପରିକି ପ୍ରଶାସନିକ ଚେତାବନୀ ପ୍ରଦାନ, SEBI ଅଧିନିୟମର ଅଧ୍ୟାୟ VIA ଅନୁଯାୟୀ ଦଣ୍ଡବିଧାନ କିମ୍ବା କାର୍ଯ୍ୟାନୁଷ୍ଠାନ u / s 11 ଦେୟ ଏବଂ / କିମ୍ବା ଦଣ୍ଡ ପାଇଁ SEBI ଅଧିନିୟମ |

**ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟ**

**27. ପାଣ୍ଠି ଏକାଠି କରିବା ପାଇଁ ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ଜାରି କରିବାକୁ ଲାଭକାରୀ ସଙ୍ଗଠନଗୁଡିକ ଯୋଗ୍ୟ କି?**

ଉତ୍ତର: ନା, ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ କେବଳ ସାମାଜିକ ଷ୍ଟକ ଏକ୍ସଚେଞ୍ଜରେ ପଞ୍ଜିକୃତ ଏକ ଅଣ-ଲାଭକାରୀ ସଂସ୍ଥା ଦ୍ଵାରା ଜାରି କରାଯିବ ।

**28. ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ଜାରି କରିବାକୁ କେଉଁ ଅଣ-ଲାଭକାରୀ ସଂଗଠନ ଯୋଗ୍ୟ? -**

ଉତ୍ତର: ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ଜାରି କରିବାକୁ ନିମ୍ନଲିଖିତ ସର୍ତ୍ତଗୁଡିକ ଅଣ-ଲାଭକାରୀ ସଂଗଠନ ଦ୍ଵାରା ପରିପୂରଣ ହେବା ଆବଶ୍ୟକ:

i. ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ଅଣ-ଲାଭକାରୀ ସଂଗଠନ ପଞ୍ଜିକୃତ ହେବା ଜରୁରୀ, ଏବଂ
ii. ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ'ର ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ରହିବା ଆବଶ୍ୟକ ଏବଂ କେବଳ ପାଣ୍ଠି ଏକାଠି କରିବା ଦସ୍ତାବିଜରେ ନିର୍ଦ୍ଦିଷ୍ଟ ହୋଇଥିବା ସମୟ ମଧ୍ୟରେ ସମାପ୍ତ ହେବାକୁ ଥିବା ନିର୍ଦ୍ଦିଷ୍ଟ ପ୍ରକଳ୍ପ କିମ୍ବା କାର୍ଯ୍ୟକଳାପ ପାଇଁ ଏହା ଜାରି କରାଯାଇପାରିବ, ଏବଂ
iii. SEBI (ICDR) ବିନିୟମାବଳୀ, 2018ର ବିନିୟମ 292E ଅନୁଯାୟୀ ନିର୍ଦ୍ଦିଷ୍ଟ ହୋଇଥିବା ଯୋଗ୍ୟ କାର୍ଯ୍ୟକଳାପ ତାଲିକାରେ ନିର୍ଦ୍ଦିଷ୍ଟ ପ୍ରକଳ୍ପ କିମ୍ବା କାର୍ଯ୍ୟକଳାପ ଆସିବା ଆବଶ୍ୟକ ଯାହା ପାଇଁ ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ଜାରି କରାଯାଇଥାଏ ।

**29. ଅଣ-ଲାଭକାରୀ ସଂଗଠନଗୁଡିକ ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ'କୁ ବ୍ୟକ୍ତିଗତ ଭାବେ ଜାରି କରିପାରିବେ କି?**

ଉତ୍ତର: ହଁ, ଏକ ସାମାଜିକ ଷ୍ଟକ ଏକ୍ସଚେଞ୍ଜରେ ପଞ୍ଜିକୃତ ହୋଇଥିବା ଅଣ-ଲାଭକାରୀ ସଂଗଠନ ସିକ୍ୟୁରିଟି ଏଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ (ବୈକଳ୍ପିକ ନିବେଶ ପାଣ୍ଠି) ରେଗୁଲେସନ୍ସ, 2012ର ଲାଗୁ ହେଉଥିବା ପ୍ରାବଧାନ ଅନୁଯାୟୀ ପଞ୍ଜିକୃତ ହୋଇଥିବା ସାମାଜିକ ପ୍ରଭାବ ପାଣ୍ଠିକୁ (ଗୁଡିକୁ) ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ମଧ୍ୟ ଜାରି କରିପାରିବ ।

**30. କେଉଁ ପ୍ରକ୍ରିୟାରେ ଏକ ଅଣ-ଲାଭକାରୀ ସଙ୍ଗଠନ ଦ୍ୱାରା ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ସାର୍ବଜନୀକ ଭାବେ ଜାରି କରାଯାଇପାରିବ?**

ଉତ୍ତର:

i. ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ତାଲିକାଭୁକ୍ତ ହେବାକୁ ଅନୁମୋଦନ ପାଇଁ ସୈଦ୍ଧାନ୍ତିକ ଭାବେ ଚାହୁଁଥିବା ଆବେଦନ ସହିତ ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ଶୁଳ୍କ ସହିତ ଏକ ଅଣ-ଲାଭକାରୀ ସଙ୍ଗଠନ ପଞ୍ଜିକୃତ ହୋଇଥିବା ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ଡ୍ରାଫ୍ଟ ପାଣ୍ଠି ଏକାଠି କରିବା ଦସ୍ତାବିଜ ଦାଖଲ  କରିବ ।

ii. ସର୍ବସାଧାରଣଙ୍କ ମନ୍ତବ୍ୟ ପାଇଁ ଅତି କମରେ 21 ଦିନର ଏକ ଅବଧି ପାଇଁ ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ଡ୍ରାଫ୍ଟ ପାଣ୍ଠି ଏକାଠି କରିବା ଦସ୍ତାବିଜ ଏହାର ୱେବସାଇଟରେ ଉପଲବ୍ଧ କରାଇବ ।

iii. ଆବଶ୍ୟକ ସ୍ଥଳେ ଅଣ-ଲାଭକାରୀ ସଂଗଠନରୁ ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ସ୍ପଷ୍ଟୀକରଣ ମାଗିପାରେ ।

iv. ପ୍ରଥମେ ହୋଇଥିବା ଡ୍ରାଫ୍ଟ ପାଣ୍ଠି ଏକାଠି କରିବା ଦସ୍ତାବିଜ ଦାଖଲ କିମ୍ବା ଅଣ-ଲାଭକାରୀ ସଙ୍ଗଠନଠାରୁ ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ଦ୍ୱାରା ମଗାଯାଇଥିବା କୌଣସି ସ୍ପଷ୍ଟୀକରଣ ପ୍ରାପ୍ତିର 30 ଦିନ ଭିତରେ ଡ୍ରାଫ୍ଟ ପାଣ୍ଠି ଏକାଠି କରିବା ଦସ୍ତାବିଜ ଉପରେ ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ଏହାର ଅନୁଧ୍ୟାନ ଅଣ-ଲାଭକାରୀ ସଙ୍ଗଠନକୁ ପ୍ରଦାନ କରିବ ।

v. ଡ୍ରାଫ୍ଟ ପାଣ୍ଠି ଏକାଠି କରିବା ଦସ୍ତାବିଜରେ ସାମାଜିକ ଷ୍ଟକ ଏକ୍ସଚେଞ୍ଜ'ର ଅନୁଧ୍ୟାନକୁ ଅଣ-ଲାଭକାରୀ ସଙ୍ଗଠନ ଅନ୍ତର୍ଭୁକ୍ତ କରିବ ଏବଂ ମାମଲା ଖୋଲିବା ପୂର୍ବରୁ ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ଅନ୍ତିମ ପାଣ୍ଠି ଏକାଠି କରିବା ଦସ୍ତାବିଜ ଦାଖଲ  କରିବ ।

    ପ୍ରଯୁଜ୍ୟ ବିସ୍ତାର ପାଇଁ ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ'କୁ ବ୍ୟକ୍ତିଗତ ଭାବେ ଜାରି କରିବା ପାଇଁ ସମାନ ପଦ୍ଧତି ଅନୁସରଣ କରାଯିବ ।

**31. ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ଭୌତିକ ରୂପରେ ଜାରି କରାଯାଇପାରିବ କି?**

ଉତ୍ତର: ନା, ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ କେବଳ ଅପାର୍ଥିବ ଆକାରରେ ଦିଆଯିବ ।

**32. ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ଜାରି'ର ଆକାର ପାଇଁ କୌଣସି ସୀମା ଅଛି କି?**

ଉତ୍ତର: ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ'ର ଜାରି କରିବା ପାଇଁ ସର୍ବନିମ୍ନ ଜାରି କରିବା ଆକାର ଏକ କୋଟି ଟଙ୍କା ଏବଂ ସର୍ବନିମ୍ନ ଆବେଦନ ଆକାର ଦୁଇ ଲକ୍ଷ ଟଙ୍କା ହେବ ।

**33. ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ସଫଳତାର ସହ ଜାରି କରିବା ପାଇଁ ହାସଲ କରିବା ଆବଶ୍ୟକ ସର୍ବନିମ୍ନ ସବସ୍କ୍ରିପ୍ସନ କ'ଣ?**

ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ଜାରି କରିବା ମାଧ୍ୟମରେ ଏକାଠି କରିବାକୁ ଥିବା ପ୍ରସ୍ତାବିତ ପାଣ୍ଠିର 75% ହାସଲ କରିବା ଆବଶ୍ୟକ ସର୍ବନିମ୍ନ ସବସ୍କ୍ରିପ୍ସନ ହେବ ।

**34. ସୋସିଅଲ ଷ୍ଟକ ଏକ୍ସଚେଞ୍ଜରୁ ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ଲିଷ୍ଟିଙ୍ଗକୁ ସୋସିଅଲ**

**ଉଦ୍ୟମ ସମାପ୍ତ କରିପାରିବ କି?**

ଉତ୍ତର: ନିମ୍ନଲିଖିତ ଘଟଣାରେ ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ'ର ଲିଷ୍ଟିଙ୍ଗ ସୋସିଅଲ ଉଦ୍ୟମ ସମାପ୍ତ କରିବ-

i. ପାଣ୍ଠି ଏକାଠି କରିବା ଲକ୍ଷ୍ୟ ହାସଲ କରାଯାଇଥିଲେ ଏବଂ ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ଏଥିପାଇଁ ଏକ ପ୍ରମାଣପତ୍ର ଦାଖଲ ହୋଇଥିଲେ, କିମ୍ବା
ii. ପାଣ୍ଠି ଏକାଠି କରିବା ଦସ୍ତାବିଜରେ ପ୍ରଦାନ କରାଯାଇଥିବା ପରି ଲକ୍ଷ୍ୟ ହାସଲ କରିବାର କାର୍ଯ୍ୟକାଳ ସମାପ୍ତ ହୋଇଥିଲେ ।

**35. ଦ୍ୱିତୀୟକ ବଜାରରେ ବ୍ୟାପାର ପାଇଁ ସାମାଜିକ ଉଦ୍ୟମ ଦ୍ୱାରା ତାଲିକାଭୁକ୍ତ ସାଧନ ଉପଲବ୍ଧ କି?**

ଉତ୍ତର: ଅଣ-ଲାଭକାରୀ ସଂସ୍ଥା ଦ୍ୱାରା ଜାରି କରାଯାଇଥିବା ସାଧନଗୁଡିକ ଦ୍ୱିତୀୟକ ବଜାରରେ ବ୍ୟାପାର ପାଇଁ ଉପଲବ୍ଧ ନୁହେଁ । ଯେତେ ବେଳେ କି ଦ୍ୱିତୀୟକ ବଜାରରେ ବ୍ୟାପାର ପାଇଁ ଲାଭକାରୀ ସଂଗଠନ ଦ୍ୱାରା ଜାରି କରାଯାଇଥିବା ସାଧନଗୁଡିକ ସେମାନେ ତାଲିକାଭୁକ୍ତ ହୋଇଥିବା ଷ୍ଟକ ଏକ୍ସଚେଞ୍ଜ'ର ସମ୍ପୃକ୍ତ ପ୍ଲାଟଫର୍ମରେ ଉପଲବ୍ଧ ।

## ସାମାଜିକ ଅଡିଟର ଏବଂ ସାମାଜିକ ପ୍ରଭାବ ଆକଳନ

**36. ସାମାଜିକ ଅଡିଟ କ'ଣ?**

ଉତ୍ତର: ଏକ ସ୍ୱାଧୀନ ପରୀକ୍ଷା ମାଧମରେ ସାମାଜିକ ଉଦ୍ୟମ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ/କାର୍ଯ୍ୟକ୍ରମର ସାମାଜିକ ପ୍ରଭାବର ମୂଲ୍ୟାଙ୍କନକୁ ସାମାଜିକ ଅଡିଟ ସନ୍ଦର୍ଭିତ କରିଥାଏ । ଏହା ଭିଜନ ଏବଂ ବାସ୍ତବତା ଏବଂ ଦକ୍ଷତା ଏବଂ ପ୍ରଭାବଶାଳିତା ମଧ୍ୟରେ ଥିବା ଅସଙ୍ଗତିକୁ କମ କରିବାରେ ସାହାଯ୍ୟ କରିଥାଏ ।

**37. ଏକ ସାମାଜିକ ଅଡିଟ ଫାର୍ମ କ'ଣ?**

ସାମାଜିକ ଅଡିଟ ଫାର୍ମ ସାମାଜିକ ଅଡିଟରମାନଙ୍କୁ ନିୟୋଜିତ କରୁଥିବା ଏକ ସଂସ୍ଥା ଅଟେ ଏବଂ ସାମାଜିକ ପ୍ରଭାବ ଆକଳନ କରୁଥିବାର ସର୍ବନିମ୍ନ ତିନି ବର୍ଷର ଟ୍ରାକ ରେକର୍ଡ ରଖିଥାଏ ।

**38. ସାମାଜିକ ଅଡିଟର ଭାବରେ କିଏ କାର୍ଯ୍ୟ କରିପାରିବ?**

ଇନଷ୍ଟିଚ୍ୟୁଟ ଅଫ ଚାର୍ଟାର୍ଡ ଏକାଉଣ୍ଟେଣ୍ଟସ ଅଫ ଇଣ୍ଡିଆ (କିମ୍ବା SEBI ଦ୍ୱାରା ଯେପରି ନିର୍ଦ୍ଦିଷ୍ଟ ହୋଇଥିବା ଅନ୍ୟାନ୍ୟ ଏଜେନ୍ସି) ଅଧୀନରେ ଏକ ସ୍ୱ-ବିନିୟାମକ ସଂଗଠନରେ ପଞ୍ଜିକୃତ ଏବଂ ନେସନଲ ଇନଷ୍ଟିଚ୍ୟୁଟ ଅଫ ସିକ୍ୟୁରିଟି ମାର୍କେଟ ଦ୍ୱାରା ପରିଚାଳିତ ଏକ ସାର୍ଟିଫିକେସନ ପ୍ରୋଗ୍ରାମରେ ଯୋଗ୍ୟତା ହାସଲ କରିଥିବା ଏବଂ ଏକ ବୈଧ ପ୍ରମାଣପତ୍ର ଧାରଣ କରିଥିବା ବ୍ୟକ୍ତି ସାମାଜିକ ଅଡିଟର ଭାବରେ କାର୍ଯ୍ୟ କରିପାରିବ ।

## ସାଧାରଣ

**39. କୌଣସି NPOର ପଞ୍ଜିକରଣ ଏବଂ ବଜାରରୁ ପାଣ୍ଠି ଏକାଠି କରିବା ମଧ୍ୟରେ କୌଣସି ଲକ-ଇନ କିମ୍ବା ସର୍ବନିମ୍ନ ଅବଧି ଅଛି କି?**

ଉତ୍ତର: ନା, କୌଣସି NPOର ପଞ୍ଜିକରଣ ଏବଂ ବଜାରରୁ ପାଣ୍ଠି ଏକାଠି କରିବା ମଧ୍ୟରେ କୌଣସି ଲକ-ଇନ କିମ୍ବା ସର୍ବନିମ୍ନ ଅବଧି ନାହିଁ ।

**40. ଡ୍ରାଫ୍ଟ ପାଣ୍ଠି – ଏକାଠି କରିବା ଦସ୍ତାବିଜ ପ୍ରସ୍ତୁତ କରିବା ପାଇଁ କୌଣସି ମର୍ଚେଣ୍ଟ ବେଙ୍କର ନିଯୁକ୍ତ ହେବା ଆବଶ୍ୟକ କି?**

ଉତ୍ତର: ଆବଶ୍ୟକ ନାହିଁ ।

**41. ଡ୍ରାଫ୍ଟ ପାଣ୍ଠି ଏକାଠି କରିବା ଦସ୍ତାବିଜରେ SSE ଦ୍ୱାରା ଜାରି କରାଯିବା ଅନୁଧ୍ୟାନ ପାଇଁ କୌଣସି ବୈଧତା ଅବଧି ଅଛି କି?**

ଉତ୍ତର: ଡ୍ରାଫ୍ଟ ପାଣ୍ଠି ଏକାଠି କରିବା ଦସ୍ତାବିଜରେ SSE ଦ୍ୱାରା ଜାରି କରାଯିବା ଅନୁଧ୍ୟାନ ପାଇଁ ୬ ମାସର ବୈଧତା ଅବଧି ଅଛି ।

**42. ଦୟାକରି ସ୍ପଷ୍ଟ କରନ୍ତୁ ଯେ NPO ଦ୍ୱାରା ଏକାଠି କରାଯାଇଥିବା ପାଣ୍ଠି ଅନୁଦାନ ନା ଋଣ?**

ଉତ୍ତର: NPO ଦ୍ୱାରା ଏକାଠି କରାଯାଇଥିବା ପାଣ୍ଠି ଅନୁଦାନ ଆକାରରେ ରହିବ ।

**43. SEBI AIF ବିନିୟମାବଳୀ ଅନୁଯାୟୀ ପଞ୍ଜିକୃତ ସାମାଜିକ ପ୍ରଭାବ ପାଣ୍ଠି ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ'ର ବ୍ୟକ୍ତିଗତ ସ୍ଥାନିତ କରାଯିବ କି ନାହିଁ?**

ଉତ୍ତର: ହଁ, SEBI AIF ବିନିୟମାବଳୀ ଅନୁଯାୟୀ ପଞ୍ଜିକୃତ ସାମାଜିକ ପ୍ରଭାବ ପାଣ୍ଠି ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ'ର ବ୍ୟକ୍ତିଗତ ସ୍ଥାନିତ କରାଯାଇପାରେ ।

**44. ସାମାଜିକ ପ୍ରଭାବ ପାଣ୍ଠିକୁ ଜାରି କରାଯାଇଥିବା ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ'ର ବ୍ୟକ୍ତିଗତ ସ୍ଥାନୀୟକରଣ ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବା ବାଧ୍ୟତାମୂଳକ ଅଟେ କି?**

ଉତ୍ତର: ହଁ, ସାମାଜିକ ପ୍ରଭାବ ପାଣ୍ଠିକୁ ଜାରି କରାଯାଇଥିବା ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ'ର ବ୍ୟକ୍ତିଗତ ସ୍ଥାନୀୟକରଣ ସୋସିଅଲ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବା ବାଧ୍ୟତାମୂଳକ ଅଟେ ।

**45. କୌଣସି ZCZP ଇନଷ୍ଟ୍ରୁମେଣ୍ଟ ପ୍ରକଳ୍ପ ପାଇଁ ସମସ୍ତ ପାଣ୍ଠି SSE ମାଧ୍ୟମରେ ଏକାଠି କରିବାକୁ ପଡିବ ନା କିଛି SSE ବାହାରେ ମଧ୍ୟ ହୋଇପାରିବ?**

ଉତ୍ତର: ହଁ, ZCZP ଇନଷ୍ଟ୍ରୁମେଣ୍ଟ ପ୍ରକଳ୍ପ ପାଇଁ ପାଣ୍ଠି ନିଶ୍ଚିତ ଭାବରେ SSE ମାଧ୍ୟମରେ ଏକାଠି କରାଯିବ, କିମ୍ବା କିଛି SSE ବାହାରେ ହୋଇପାରେ । ଧାର୍ଯ୍ୟ ବିନିୟମାବଳୀକୁ ସନ୍ଦର୍ଭ କରାଯାଇପାରେ ।

**46. ବିଦେଶୀ ସଂସ୍ଥାଗତ ନିବେଶକ କିମ୍ବା ବ୍ୟକ୍ତିଗତ ଅଣ-ବାସିନ୍ଦା ଦାତାମାନଙ୍କଠାରୁ ପାଣ୍ଠି ସଂଗ୍ରହ କରିବା ପୂର୍ବରୁ FCRA ପଞ୍ଜିକରଣ ପାଇବା NGO/ NPO ପାଇଁ ଆବଶ୍ୟକ ନା ନାହିଁ?**

ଉତ୍ତର: ବିଦେଶୀ ନିବେଶକମାନଙ୍କୁ ବର୍ତ୍ତମାନ SSE ମାଧ୍ୟମରେ ବିନିଯୋଗ କରିବାକୁ ଅନୁମତି ଦିଆଯାଇନାହିଁ ।

**47. କୌଣସି ଏକକ ସାଧନରେ ବିଦେଶୀ ଫାଣ୍ଡିଙ୍ଗ ଏବଂ ସ୍ଥାନୀୟ ଫାଣ୍ଡିଙ୍ଗ କିପରି ପରିଚାଳିତ ହେବ, କିମ୍ବା NRI/ବିଦେଶୀ ନିବେଶକଙ୍କ ପାଇଁ ପୃଥକ ସାଧନ ରହିବ?**

ଉତ୍ତର: ବିଦେଶୀ ପାଣ୍ଠି ବର୍ତ୍ତମାନ ପାଇଁ ଅନୁମତି ପ୍ରାପ୍ତ ନୁହେଁ ।

**48. NPO ଦ୍ୱାରା ଥରେ କୌଣସି ପ୍ରକଳ୍ପ ପାଇଁ ଏକ ପ୍ରସ୍ତାବ ରଖାଗଲେ ପାଣ୍ଠି ଏକାଠି କିପରି ହେବ? ନିବେଶକମାନେ ପ୍ରସ୍ତାବଗୁଡିକୁ ଅନୁସନ୍ଧାନ କରିବେ ଏବଂ NPO** ସହିତ **ଯୋଗାଯୋଗ କରିବେ ନା NPOକୁ ସକ୍ରିୟ ଭାବରେ ସମର୍ଥନ ଖୋଜିବାକୁ ପଡିବ?**

ଉତ୍ତର: ବିପଣନରେ SSE କୌଣସି ଭୂମିକା ଗ୍ରହଣ କରିବ ନାହିଁ ।

**49. ନିବେଶକମାନଙ୍କୁ ଦାତା ଭାବରେ ବିଚାର କରାଯିବ କି? ପ୍ରାପ୍ତ ପାଣ୍ଠିର ହିସାବ କିପରି କରାଯିବ?**

ଉତ୍ତର: ହଁ, ସାଧାରଣ ଏକାଉଣ୍ଟିଙ୍ଗ ସିଦ୍ଧାନ୍ତ ଅନୁଯାୟୀ ନିବେଶକଙ୍କୁ ଦାତା ଭାବରେ ବିଚାର କରାଯିବ ।

**50. ଜାରି କରାଯାଇଥିବା ZCZP ସଂପୂର୍ଣ୍ଣ ଭାବେ ସବସ୍କ୍ରାଇବ ନହୋଇଥିଲେ କ'ଣ ହୋଇଥାଏ?**

ଉତ୍ତର: ଏହାକୁ ଯାଚନା ଦସ୍ତାବିଜରେ ନିର୍ଦ୍ଦିଷ୍ଟ କରାଯିବା ଆବଶ୍ୟକ ଏବଂ ସ୍ଥିତ ବିନିୟମାବଳୀ ଅଧୀନରେ ରହିବ ।

**51. ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ହୋଲଡିଙ୍ଗ ହସ୍ତାନ୍ତର ଯୋଗ୍ୟ ହେବ ନା ନାହିଁ ?**

ଉତ୍ତର: ZCZPରେ ବ୍ୟାପାର ଅନୁମୋଦିତ ନୁହେଁ, କିନ୍ତୁ ନ୍ୟାୟିକ ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର ଭଳି ସେଗୁଡିକ ଅନ୍ୟ ଉଦ୍ଦେଶ୍ୟରେ ହସ୍ତାନ୍ତରିତ କରାଯାଇପାରିବ ।

**52. ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ସିକ୍ୟୁରିଟି କାରବାର କର ଅଧୀନରେ ଆସିବ ନା ନାହିଁ?**

ଉତ୍ତର: ନା, ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ ସିକ୍ୟୁରିଟି କାରବାର ଅଧୀନରେ ଆସିବ ନାହିଁ ।

**53. କୌଣସି ତାଲିକାଭୁକ୍ତ NPO ଅନ୍ୟ ZCZP ସାଧନ ମାଧ୍ୟମରେ ସମାନ ପ୍ରକଳ୍ପ ପାଇଁ ଅତିରିକ୍ତ ପାଣ୍ଠି ଏକାଠି କରିପାରିବ ନା ନାହିଁ?**

ଉତ୍ତର: ହଁ, ତାଲିକାଭୁକ୍ତ NPO ଅନ୍ୟ ଏକ ZCZP ସାଧନ ମାଧ୍ୟମରେ ସମାନ ପ୍ରକଳ୍ପ ପାଇଁ ଅତିରିକ୍ତ ପାଣ୍ଠି ସଂଗ୍ରହ କରିପାରେ ।

**54. ଏକ ତାଲିକାଭୁକ୍ତ NPO ପ୍ରତ୍ୟେକ ପାଇଁ ଗୋଟିଏ ଲେଖାଏଁ କରି ଏକାଧିକ ZCZP ସାଧନ ଜାରି କରି ଏକରୁ ଅଧିକ ପ୍ରକଳ୍ପ ପାଇଁ ପାଣ୍ଠି ଏକାଠି କରିପାରିବ କି?**

ଉତ୍ତର: ହଁ, ତାଲିକାଭୁକ୍ତ NPO ଏକାଧିକ ZCZP ସାଧନ ଜାରି କରି ପ୍ରତ୍ୟେକ ପ୍ରକଳ୍ପ ପାଇଁ ଗୋଟିଏ ଲେଖାଏଁ କରି ଏକରୁ ଅଧିକ ପ୍ରକଳ୍ପ ପାଇଁ ପାଣ୍ଠି ଏକାଠି କରିପାରେ ।

**55. ସାମାଜିକ ପ୍ରଭାବ ବଣ୍ଡ ଏବଂ ଡେଭଲପମେଣ୍ଟ ପ୍ରଭାବ ବଣ୍ଡ ପେ-ଫର-ସାକ୍ସେସ ଫାଣ୍ଡିଙ୍ଗ ଷ୍ଟ୍ରାକଚର ହୋଇଥିବାରୁ ସେମାନଙ୍କୁ ଜାରି କରିବା ପାଇଁ NPOକୁ ଅନୁମତି ଦିଆଯିବ କି?**

ଉତ୍ତର: ହଁ, ସାମାଜିକ ଇମ୍ପାକ୍ଟ୍‌ବ ବଣ୍ଡ ଏବଂ ଡେଭଲପମେଣ୍ଟ ଇମ୍ପାକ୍ଟ୍‌ବ ବଣ୍ଡ ଜାରି କରିବାକୁ NPOଗୁଡିକୁ ଅନୁମତି ଦିଆଯିବ ।

**56. ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ବାହାରେ ଏକ ପଞ୍ଜିକୃତ NPO ପାଣ୍ଠି ଏକାଠି କରିଥିଲେ LODR ଅଧୀନରେ ବାର୍ଷିକ ପ୍ରକାଶନର ଏକ ଅଂଶ ଭାବରେ ଏହିପରି ପାଣ୍ଠିର ସବିଶେଷ ପ୍ରକାଶ କରିବା ଆବଶ୍ୟକ ନା ନାହିଁ?**

ଉତ୍ତର: ହଁ, ସୋସିଅଲ ଷ୍ଟକ ଏକ୍ସଚେଞ୍ଜ ବାହାରେ ପଞ୍ଜିକୃତ NPO ପାଣ୍ଠି ଏକାଠି କରିଥିଲେ LODR ଅଧୀନରେ ବାର୍ଷିକ ପ୍ରକାଶନର ଏକ ଅଂଶ ଭାବରେ ଏହିପରି ପାଣ୍ଠିର ସବିଶେଷ ପ୍ରକାଶ କରିବା ଆବଶ୍ୟକ ।

**57. ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ’ର ସମାପ୍ତି ତାଲିକାରୁ ବାହାର କରିବା ସହିତ ସମାନ କି?**

ଉତ୍ତର: ହଁ, ଜିରୋ କୁପନ ଜିରୋ ପ୍ରିନ୍ସିପାଲ ଇନଷ୍ଟ୍ରୁମେଣ୍ଟସ’ର ସମାପ୍ତି ତାଲିକାରୁ ବାହାର କରିବା ସହିତ ସମାନ ।

## ନିବେଶକମାନେ

**58. ଫାଣ୍ଡିଙ୍ଗ ସମର୍ଥନ ଦେବା ପାଇଁ କର୍ପୋରେଟମାନଙ୍କ ପାଇଁ ପଞ୍ଜିକରଣ ପ୍ରକ୍ରିୟା କ’ଣ?**

ଉତ୍ତର: କର୍ପୋରେଟମାନେ ସ୍ୱାଭାବିକ ନିବେଶକ ପଞ୍ଜିକରଣ ପ୍ରକ୍ରିୟା ଅନୁସରଣ କରିପାରନ୍ତି ।

**59. FII, FPI କିମ୍ବା NRI ନିବେଶକଙ୍କ ପରି ବିଦେଶୀ ନିବେଶକମାନଙ୍କୁ NPO ପାଣ୍ଠି ଏକାଠି କରିବାକୁ ଅନୁମତି ଦିଆଯିବ କି?**

ଉତ୍ତର: FII, FPI କିମ୍ବା NRI ନିବେଶକଙ୍କ ପରି ବିଦେଶୀ ନିବେଶକଙ୍କୁ NPO ପାଣ୍ଠି ଏକାଠି କରିବାରେ ନିବେଶ କରିବାକୁ ବିଦେଶୀ ନିବେଶକମାନଙ୍କୁ ଅନୁମତି ଦିଆଯିବ ନାହିଁ ।